କନ୍ଧମାଳରେ ଶୀତପ୍ରକୋପ: ଜୀବନଜୀବିକା ପ୍ରଭାବିତ

ଜି.ଉଦୟଗିରି,୧୪।୧୨(ଅନୁପମ ମିଡ଼ିଆ): କନ୍ଧମାଳ ଜିଲ୍ଲାରେ ଗତ ସପ୍ତାହ ହେଲା ପାରଦ ତଳମୁହାଁ ହୋଇ ଶୀତର ପ୍ରକୋପ ବଢ଼ିବାରେ ଲାଗିଛି । ଏହାର ପ୍ରଭାବ ଫୁଲବାଣୀ ଓ ଜି.ଉଦୟଗିରିରେ ମଧ୍ୟ ପରିଲକ୍ଷିତ ହୋଇଛି ।

ସଞ୍ଜ ନଇଁଲେ ହାଡ଼ଭଙ୍ଗା ଶୀତରେ ଜି.ଉଦୟଗିରି ଥରି ଉଠୁଛି । ଲୋକେ ଶୀତରୁ ରକ୍ଷା ପାଇବା ପାଇଁ ଛକ ସ୍ଥାନ ମାନଙ୍କରେ ଠାଏଁ ଠାଏଁ ବଡ଼ ବଡ଼ କାଠଗଣ୍ଡି ଜାଳି ନିଆଁ ପୁଇଁବାରେ ଲାଗୁଛନ୍ତି । ମହିଳାମାନେ ଘରେ କୌଣସି କାମଧନ୍ଦା କରିବାକୁ ସଙ୍କୋଚ ହେଉଛନ୍ତି । ସକାଳେ ପ୍ରବଳ ଥଣ୍ଡା ଅନୁଭୂତ ହେତୁ ସକାଳ ୯ଟା ଯାଏଁ ଘନ କୁହୁଡ଼ି ଅନୁଭୂତ ହେଉଛି । ରାସ୍ତା ଘାଟ ଦେଖାଯାଉନଥିବାରୁ ଲୋକଙ୍କ ଚଳପ୍ରଚଳ ଜରୁରୀ କାର୍ଯ୍ୟ ନଥିଲେ ପ୍ରାୟତଃ ଦେଖିବାକୁ ମିଳୁନି । ଲୋକେ ଦୈନନ୍ଦିନ କାମଧନ୍ଦାରେ ଯିବାକୁ କୁଣ୍ଠାବୋଧ ହେଉଛନ୍ତି । କୁହୁଡ଼ି ଯୋଗୁଁ ଦୁର୍ଘଟଣା ଘଟିବାର ସମ୍ଭାବନା ରହୁଛି । ତେଣୁ ଲେକେ ନିଜ ସୁରକ୍ଷା ପାଇଁ ସତର୍କତା ଅବଲମ୍ବନ କରୁଥିବା ହେତୁ କାମଧନ୍ଦାକୁ ଯିବାକୁ ବିଳମ୍ବ ହେଉଛି । ସନ୍ଧ୍ୟାରେ ପ୍ରବଳ ଥଣ୍ଡା ଅନୁଭୂତ ହେତୁ ସଞ୍ଜ ନଇଁବା ପୂର୍ବରୁ ଘରକୁ ଫେରୁଛନ୍ତି । ଜରୁରୀ କାର୍ଯ୍ୟ ବ୍ୟାହତ ହେଉଛି । ଥଣ୍ଡା ଏତେ ମାତ୍ରାରେ ଅନୁଭୂତ ହେଉଛି ଯେ, ସକାଳୁ ଓ ସନ୍ଧ୍ୟାରେ ଘରୁ ବାହାରିବା ମୁସ୍କିଲ ହେଉଛି । ପ୍ରବଳ ଶୀତ ଯୋଗୁଁ ସକାଳୁ ଘରୁ ବାହାରିବା ମଧ୍ୟ କଷ୍ଟ ହେଉଛି । ବେଳେବେଳେ କୁହୁଡ଼ି ଯୋଗୁଁ ରାସ୍ତାରେ ଯାତାୟାତ କରିବା ବି କଷ୍ଟକର ହୋଇପଡୁଛି । ରବିବାର ଜି.ଉଦୟଗିରିରେ ୪.୨ ଡିଗ୍ରୀ, ଫୁଲବାଣୀ ଓ ଦାରଙ୍ଗବାଡ଼ି ୬ ଡିଗ୍ରୀ ତାପମାତ୍ରା ହେତୁ ସନ୍ଧ୍ୟା ପୂର୍ବରୁ ଲୋକେ ନିଆଁ ଲଗାଇ ବସୁଛନ୍ତି । ବଜାର ଶୁନ୍‌ଶାନ୍ ହୋଇଯାଉଛି । ଫଳରେ ବ୍ୟବସାୟ ବି ପ୍ରଭାବିତ ହେଉଛି। ଗ୍ରାମାଞ୍ଚଳରେ ଆହୁରି ଅଧିକ ଥଣ୍ଡା ଥିବା ଅନୁଭୂତ ହେଉଛି । ଏସବୁ ସତ୍ତ୍ୱେ ଲୋକେ ଶୀତକୁ ମନଭରି ଉପଭୋଗ ବି କରୁଛନ୍ତି । ବାହାରୁ ପର୍ଯ୍ୟଟକମାନେ କନ୍ଧମାଳ ଜିଲ୍ଲାକୁ ଆସି ଏଠାରେ ଥିବା ପ୍ରାକୃତିକ ସୌନ୍ଦର୍ଯ୍ୟ ସାଙ୍ଗକୁ ଏଠାରେ ଅନୁଭୂତ ହେଉଥିବା ଥଣ୍ଡାର ମଜା ଲୁଟୁଛନ୍ତି । ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ପାଇଁ ଆବଶ୍ୟକୀୟ ପର୍ଯ୍ୟାପ୍ତ ସୁବିଧାର ବ୍ୟବସ୍ଥା ରାଜ୍ୟ ସରକାର କଲେ, ଆଗାମୀ ବର୍ଷଗୁଡ଼ିକରେ କନ୍ଧମାଳ ଜିଲ୍ଲାକୁ ପର୍ଯ୍ୟଟକଙ୍କ ଆସିବା ଆହୁରି ବଢ଼ିବା ସହ ସ୍ଥାନୀୟ ବ୍ୟବସାୟୀ ଉପକୃତ ହୋଇପାରନ୍ତେ ବୋଲି ଚର୍ଚ୍ଚା ହେଉଛି ।

ଧର୍ମପରାୟଣାଙ୍କ ପରଲୋକ

ହିଞ୍ଜିଳିକାଟୁ,୧୪।୧୨(ଅନୁପମ ମିଡ଼ିଆ): ହିଞ୍ଜିଳିକାଟୁ ପାଟଣା ସାହିର ମନୋରମା ପଣ୍ଡା (୭୨) ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ରାତିରେ ପରଲୋକ ହୋଇଯାଇଛି । ସେ ଜଣେ ଧର୍ମପ୍ରାଣ ମହିଳା ଭାବେ ଜଣାଶୁଣା ଥିଲେ। ମୃତ୍ୟୁ ବେଳକୁ ସ୍ୱାମୀ ଗୋପାଳକୃଷ୍ଣ ପଣ୍ଡା, ବଡ଼ ପୁଅ ଜିତେନ୍ଦ୍ର, ସାନପୁଅ ସୁନିଲ, ୨ ବୋହୂ, ନାତି, ନାତୁଣୀ, ଝିଅ, ଜ୍ୱାଇଁ ଓ ପରିବାର ବର୍ଗ ଉପସ୍ଥିତ ଥିଲେ । ତାଙ୍କର ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ହୋଇଛି ।

ପିପୁଲ୍ଲି କଲେଜରେ ସମ୍ବର୍ଦ୍ଧନା

ବୁଗୁଡ଼ା,୧୪।୧୨(ଅନୁପମ ମିଡ଼ିଆ): ସ୍ଥାନୀୟ ପିପୁଲ୍ଲି କଲେଜର ଇତିହାସ ବିଭାଗ ପକ୍ଷରୁ ସମ୍ମିଳନୀ କକ୍ଷରେ ଏକ ପାଠଚକ୍ର ଏବଂ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ପୁରୁଷୋତ୍ତମ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଉପାଧ୍ୟକ୍ଷ ହରିକୃଷ୍ଣ ନାୟକ ଓ ପ୍ରଶାସନିକ ଅଧିକାରୀ ଡ.ପ୍ରଦୀପ କୁମାର ଦାଶ ଯୋଗ ଦେଇ ପାଠଚକ୍ରର ଶୀର୍ଷକ ଦୟାନନ୍ଦ ସରସ୍ୱତୀ ଓ ଆର୍ଯ୍ୟ ସମାଜ ସମ୍ପର୍କେ ଆଲୋକପାତ କରିଥିଲା ବେଳେ ଛାତ୍ରୀ ବର୍ଷାରାଣୀ ଦାଶ ପାଠଚକ୍ରର ସନ୍ଦର୍ଭ ପାଠ କରିଥିଲେ। ଏ ଅବସରରେ ଦକ୍ଷିଣ ଓଡ଼ିଶାର ଲୋକ ସଂସ୍କୃତି ସମ୍ବନ୍ଧରେ ଗବେଷଣା କରି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ହାସଲ କରିଥିବା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ରଶ୍ମିତା କୁମାରୀ ପଟ୍ଟନାୟକଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମର ପରିଶେଷରେ ଅଧ୍ୟାପିକା ସସ୍ମିତା କୁମାରୀ ସାମନ୍ତରା ଧନ୍ୟବାଦ ଅର୍ପଣ କରିଥିଲେ ।

ଘରବାରି ପଟ୍ଟା ପ୍ରଦାନ ତ୍ୱରାନ୍ୱିତ ନେଇ ଆସିକା ନାଗରିକ କମିଟି ଗଠିତ

ଆସିକା,୧୪।୧୨(ଅନୁପମ ମିଡ଼ିଆ): ଆସିକା ପୌରାଞ୍ଚଳ ସାତ ରାଜସ୍ୱ ଗ୍ରାମ ବାସିନ୍ଦାଙ୍କୁ ଘର ବାରି ପଟ୍ଟା ପ୍ରଦାନ କାର୍ଯ୍ୟ ତ୍ୱରାନ୍ୱିତ କରିବା ନେଇ ସ୍ଥାନୀୟ ସୁନାମ୍ବ ସାହି ଜଗନ୍ନାଥ ମନ୍ଦିର ପରିସରରେ ଏକ ବୈଠକ ଗଙ୍ଗାଧର ଶତପଥିଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସରକାରଙ୍କୁ ଆସିକା ପୌରାଞ୍ଚଳର ସମସ୍ତ ମୌଜାର ଅଧିବାସୀଙ୍କୁ ସ୍ଥାୟୀ ଭୂ-ବନ୍ଦୋବସ୍ତ (ସର୍ଭେ ର୍ ସେଟେଲମେଣ୍ଟ) ରାଜସ୍ୱ ରୟତି ପଟ୍ଟା ଯୋଗାଇ ଦେବା ନେଇ ଆଲୋଚନା କରାଯାଇଥିଲା।

ଅତି ଶୀଘ୍ର ନାଗରିକମାନଙ୍କର ଏକ ଶାନ୍ତି ଶୋଭାଯାତ୍ରା ନଗର ପରିକ୍ରମା କରି ଆସିକା ତହସିଲଦାରଙ୍କ ଜରିଆରେ ଜିଲ୍ଲାପାଳ ଓ ରାଜସ୍ୱ ଉପରିସ୍ଥ କର୍ମକର୍ତ୍ତାଙ୍କୁ ଦାବୀ ପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଥିଲା । ପୌରାଞ୍ଚଳର ରାଜସ୍ୱ ପଟ୍ଟା କାର୍ଯ୍ୟକ୍ରମକୁ ଚଳାଇବା ପାଇଁ ଆସିକା ନାଗରିକ କମିଟି ଗଠନ କରାଯାଇସଭାପତି ଭାବେ ଆଇନଜିବୀ ଛବିଳରାମ ମିଶ୍ର, ସମ୍ପାଦକ ଶକ୍ତିପ୍ରସାଦ କର, ଉପଦେଷ୍ଟା ଭାବେ ସତ୍ୟନାରାୟଣ ରଥ, ଆଇନଜିବୀ ବିନୋଦ ପାଣିଗ୍ରାହୀ, ଆଇନଜିବୀ ନାରାୟଣ ମୁନୀ, ଅମଲା ସଂଘ ନେତା ପ୍ରସନ୍ନ କୁମାର ତ୍ରିପାଠୀ, ଆଇନଜିବୀ ସନ୍ତୋଷ କୁମାର ପାଣିଗ୍ରାହୀ, ଆଇନଜିବୀ ଦିଲିପ କୁମାର ପାଣିଗ୍ରାହୀ, ନିରୋଜ କୁମାର ପାଢୀ, ପଣ୍ଡିତ ଗଙ୍ଗାଧର ଶତପଥି, ପଣ୍ଡିତ ଉପେନ୍ଦ୍ର ନାଥ ମିଶ୍ର, ପଞ୍ଚାନନ ବିଷୋୟୀଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି । ବୈଠକରେ ପୌରାଞ୍ଚଳର ସମସ୍ତ ୱାର୍ଡରେ ରାଜସ୍ୱ ପଟ୍ଟା ପାଇଁ ଏକ କମିଟି ଗଠନ କରିବାକୁ ନିଷ୍ପତ୍ତି କରାଯାଇଛି । ସୁନାମ୍ବ ସାହି ୱାର୍ଡ ନଂ ୯ର ୱାର୍ଡ କମିଟିରେ କାହ୍ନୁ ଚରଣ ପାତ୍ର, ଅନୋଜ କୁମାର ପାଣିଗ୍ରାହୀ, ମନୋଜ କୁମାର ସାହୁ, ମନୋରଞ୍ଜନ ସାହୁ, ନିରଞ୍ଜନ ପଣ୍ଡା, ବଜେନ୍ଦ୍ର କୁମାର ପାତ୍ର, ବୃନ୍ଦାବନ ସାହୁଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି । ସଭା ଶେଷରେ ମନୋରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

ଜ୍ୟୋତିଷ ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ୧୧୭ ତମ ଜୟନ୍ତୀ

ଖଲ୍ଲିକୋଟ,୧୪।୧୨(ଅନୁପମ ମିଡ଼ିଆ): ଖଲ୍ଲିକୋଟରେ ଜନ୍ମିତ ତଥା ଓଡିଶାର ପ୍ରଖ୍ୟାତ ଜ୍ୟୋତିଷ ବିଶାରଦ ପଣ୍ଡିତ ବାଇକୋଳି ମହାପାତ୍ରଙ୍କ ୧୧୭ ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।

ବାଇକୋଳି ସ୍ମୃତି ପରିଷଦର ସଭାପତି ଡାକ୍ତର ହରପ୍ରସାଦ ମହାପାତ୍ରଙ୍କ ପୌରୋହିତ୍ୟରେ ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଉକ୍ତ ଜୟନ୍ତୀ ଉତ୍ସବରେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅଜୟ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖଲ୍ଲିକୋଟର ଗୌରବ ପଣ୍ଡିତ ବାଇକୋଳିଙ୍କ ସ୍ମୃତି ରକ୍ଷା କରାଯାଇ ପାରି ନ ଥିବାରୁ ଦୁଃଖ ପ୍ରକାଶ କରିବା ସହ ତାଙ୍କ ରଚିତ ବିରଳ ସାହିତ୍ୟ ଓ ଜ୍ୟୋତିଷ ଶାସ୍ତ୍ର ଗୁଡିକ ସଂରକ୍ଷିତ କରି ରଖିବାର ଆବଶ୍ୟକତା ରହିଛି ଏବଂ ଏହି ଦୁର୍ଲଭ ଗ୍ରନ୍ଥ ଗୁଡିକ ଆଗାମୀ ପିଢ଼ି ପାଇଁ ମାର୍ଗଦର୍ଶିକା ହୋଇ ପାରିବ ବୋଲି ପ୍ରକାଶ କରିଥିଲେ । ଶ୍ରୀ ପୟରର ସମ୍ପାଦକ ଅନ୍ନଦା ପ୍ରସାଦ ତ୍ରିପାଠୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ପଣ୍ଡିତ ବାଇକୋଳିଙ୍କ ବହୁମୁଖୀ ପ୍ରତିଭାର ବର୍ଣ୍ଣନା କରିବା ସହ ତାଙ୍କ ନାମରେ ଏକ ସ୍ମୃତି ପୀଠ ପ୍ରତିଷ୍ଠା କରି ସେଠାରେ ବେଦ ଉପନିଷଦ, ବାଇକୋଳି ଜ୍ୟୋତିଷ ଶାସ୍ତ୍ର ତଥା ଅନ୍ୟ କୃତି ଗୁଡିକ ଆଗାମୀ ପିଢ଼ି ର ଜ୍ୟୋତିଷ ମାନଙ୍କ ପାଇଁ ରଖାଯିବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଖଲ୍ଲିକୋଟ ଏନଏସି ଅଧ୍ୟକ୍ଷ ଇଂ.ନିରଞ୍ଜନ ବେହେରା ଯୋଗ ଦେଇ ପଣ୍ଡିତ ବାଇକୋଳିଙ୍କ ଜୀବନୀ ଉପରେ ବିଷଦ ଆଲୋଚନା କରିବା ସହିତ ତାଙ୍କର ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ପ୍ରତିଷ୍ଠା କରିବାକୁ ପ୍ରୟାସ ଜାରି ରହିଛି ବୋଲି କହିଥିଲେ। ବାଇକୋଳି ସ୍ମୃତି ପରିଷଦର ଉପସଭାପତି ପୂର୍ଣ୍ଣଚନ୍ଦ୍ର ରଥ ନିଜ ଅଭିଭାଷଣରେ ପ୍ରାଚୀନ ଜ୍ୟୋତିଷ ଗଣନା ଓ ଆଧୁନିକ ଜ୍ୟୋତିଷ ଗଣନାର ଏକ ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ । ପଣ୍ଡିତ ହରିକୃଷ୍ଣ ମହାପାତ୍ରଙ୍କୁ ଚଳିତ ବର୍ଷର ବାଇକୋଳି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କୁ ବାଇକୋଳି ସମ୍ମାନ ସନନ୍ଦରେ ସମ୍ମାନିତ କରାଯାଇଥିଲା। ତାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବାଇକୋଳି ସ୍ମୃତି ପରିଷଦର ସମ୍ପାଦକ ଜଗଦିଶ ପାଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ପୂଜ୍ୟପୂଜା ସାହିତ୍ୟ ସଂସଦର ସମ୍ପାଦକ ମହେଶ୍ୱର ବରାଡ଼ ପଣ୍ଡିତ ବାଇକୋଳିଙ୍କ ସ୍ମୃତି ଚାରଣ କରିଥିବା ବେଳେ ଶିକ୍ଷୟିତ୍ରୀ ବିଦ୍ୟୁତ୍ ପ୍ରଭା ଦାଶ ସ୍ୱରଚିତ କବିତା ପାଠ କରିଥିଲେ । ଶିକ୍ଷକ ପ୍ରଭାତ କୁମାର ମିଶ୍ର, ନୀଳକଣ୍ଠ ଦାସ ଓ ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ତ୍ରିପାଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଶେଷରେ କୁନି କଳାକାର କୃପାଳିନୀ ଆଚାର୍ଯ୍ୟ ଆକର୍ଷଣୀୟ ମାହାରି ନୃତ୍ୟ ପରିବେଷଣ କରିଥିଲେ ।

ହାତୀ ବୁଲୁଛି, ବଣକୁ ନା’

ବାଲିଗୁଡା,୧୪।୧୨(ଅନୁପମ ମିଡ଼ିଆ): ବାଲିଗୁଡା ବନଖଣ୍ଡ ଅନ୍ତର୍ଗତ କୋଟଗଡ ବନାଞ୍ଚଳ ଲାସେରୀ ଜଙ୍ଗଲରେ ଆଠ ଟକିଆ ହାତୀ ପଲ ଘୁରିବୁଲୁଛନ୍ତି । ତେଣୁ ଜଙ୍ଗଲ କୁ ନଯିବାକୁ ବନ ବିଭାଗ ସଚେତନ କରାଇଛି । ବାଲିଗୁଡା ବନଖଣ୍ଡ କୋଟଗଡ଼ ଅଭୟାରଣ୍ୟରେ ଆଠ ଗୋଟି ହାତୀ ପଲ, ପଣ୍ଡାରିପି ଗାଁ ର ଭାଲୁଗୁଡାର ଶାଗୁଆନ ବଣରେ ରହିଥିବା ଜଣାପଡିଛି । ପଡୋଶୀ ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁରରୁ ପଣ୍ଡାରିପି ଦେଇ ହାତୀ ପଲ ଆସିଛନ୍ତି । କୋଟଗଡ ବନାଞ୍ଚଳ ଅଧିକାରୀ ବାଲ ଗୋପାଳ ବେହେରା ପଣ୍ଡାରିପି ଗାଁର ଚାଷ ଗୁଡ଼ିଆ ବିରି, ଝୁଡ଼ଙ୍ଗ ନଷ୍ଟ କରିଥିବା ସୂଚନା ମିଳିଛ । ହାତୀର ଗତିପଥକୁ ନଜର ରଖିଛି ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ । ଗତ ଦୁଇ ଦିନ ତଳେ ବାର୍ଦ୍ଧକ୍ୟ ଜନିତ କାରଣ ଓ ଅସହ୍ୟ ଥଣ୍ଡା ଯୋଗୁଁ ଝିରିପାଣିରେ ହାତୀର ମୃତ୍ୟୁ ଘଟିଥିଲା । ବର୍ତ୍ତମାନ ପୁଣି ଦେଖିବାକୁ ମିଳିଛି ଆଠ ଟକିଆ ପଲ । ତେବେ ଜଙ୍ଗଲ ମଧ୍ୟକୁ ପ୍ରବେଶ ନ କରିବାକୁ ସଚେତନ କରୁଛି ବନ ବିଭାଗ ।

ରବି ଫସଲ ପାଇଁ ଜଳ ଯୋଗାଣ ନେଇ ବୈଠକ

ପୋଲସରା,୧୪।୧୨(ଅନୁପମ ମିଡ଼ିଆ): ପୋଲସରା ବ୍ଲକ ଅନ୍ତର୍ଗତ ଧନେଇ ଜଳଭଣ୍ଡାରରୁ ରବି ଫସଲ ପାଇଁ ପ୍ରଥମ ପର୍ଯ୍ୟାୟରେ ଜଳ ନିଷ୍କାସନ ପାଇଁ ଏକ ବୈଠକ କରାଯାଇଛି । ଟିରିକିପଡ଼ାଶାସନ ସ୍ଥିତ ବିଭାଗୀୟ କାର୍ଯ୍ୟାଳୟରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ପୂର୍ବରୁ ନିଷ୍ପତ୍ତି ପ୍ରକାରେ ଚାଷୀଙ୍କ ଆବଶ୍ୟକତାକୁ ନେଇ କେନାଲରେ ପାଣି ଛଡ଼ାଯିବା ଆଲୋଚନା ହୋଇଥିଲା । ପ୍ରଥମ ଜଳ ଯୋଗାଣ ନିମନ୍ତେ ଧନେଇ ଜଳ କ୍ଷେତ୍ରର ସହକାରୀ ଯନ୍ତ୍ରୀ ଇଂ. ସଞ୍ଜିବ କୁମାର ପଣ୍ଡା ଉପସ୍ଥିତ ସମସ୍ତ ଚାଷୀଙ୍କ ସହଯୋଗ ଲୋଡିଥିଲେ । ଧନେଇ ଜଳଭଣ୍ଡାରରୁ କେନାଲରେ କୃଷି କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କ ଆବଶ୍ୟକତା ଓ ଜଳଭଣ୍ଡାରର ଗଚ୍ଛିତ ଜଳକୁ ଦୃଷ୍ଟିରେ ରଖି ପର୍ଯ୍ୟାୟ କ୍ରମେ ଜଳ ଛାଡିବାକୁ ଏବଂ ବିଭିନ୍ନ ପାଣି ପଞ୍ଚାୟତ ଅଧୀନରେ ଥିବା ସମସ୍ତ ଅନାଧିକୃତ ଆଉଟଲେଟ ଗୁଡିକୁ ବନ୍ଦ କରି ସୁସମ ଜଳ ବଣ୍ଟନ କରାଯିବା ନେଇ ବିଭାଗୀୟ ଅଧିକାରୀ ମାନେ ପରାମର୍ଶ ଦେଇଥିଲେ । ବର୍ତ୍ତମାନ୍ ଜର୍ମାନ ଟେକ୍ନୋଲୋଜି ଦ୍ୱାରା ଧନେଇ ଜଳଭଣ୍ଡାରର ଜଳ ଧାରଣ କ୍ଷମତା ଆଉ ଏକ ମିଟର ବୃଦ୍ଧି କରାଯାଇଛି । ଯାହା ଫଳରେ ରବି ଫସଲ ନିମନ୍ତେ ଆବଶ୍ୟକ ପରିମାଣରେ ଜଳ ଯୋଗାଣ କରିବା ସମ୍ଭାବନା ଥିବା ସୂଚନା ମିଳିଛି । ଆସିକା ଚିନିକଳର କ୍ଷେତ୍ର ଅଧିକାରୀ କମେଶ୍ୱର୍ ବେହେରା ଯୋଗଦେଇ ଆଖୁ ଚାଷ କରି ଅଧିକ ଲାଭବାନ ହେବାକୁ ଚାଷୀମାନଙ୍କୁ ବୁଝାଇ ଥିଲେ । ଏହି ବୈଠକରେ କନିଷ୍ଠ ଯନ୍ତ୍ରୀ ଶ୍ରୀକାନ୍ତ ଗୌଡ, ସହକାରୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ପାଢ଼ୀ, ହରପ୍ରିୟା ବେହେରା, ସୁମନ ଶେଖର ସ୍ୱାମୀ, ସରପଞ୍ଚ ବସନ୍ତ କରଣ, ସୁରେନ୍ଦ୍ର ପ୍ରଧାନଙ୍କ ସମେତ ନିମିନା, ମଧୁପଲ୍ଲୀ, ଚିରିକିପଡ଼ା, ଭାବରଡ଼ା ସମେତ ସ୍ଥାନୀୟ ଅଞ୍ଚଳର ବହୁ ସଂଖ୍ୟାରେ କୃଷକ ଯୋଗଦେଇଥିଲେ ।

ଛତ୍ରପୁର ସଂକୁଳ କ୍ରୀଡା ଉଦ୍‌ଘାଟିତ

ଛତ୍ରପୁର, ୧୪।୧୨(ଅନୁପମ ମିଡ଼ିଆ): ସ୍ଥାନୀୟ ଶ୍ରୀରାମ ନଗରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ଆନୁକୂଲ୍ୟରେ ଛତ୍ରପୁର ସଂକୁଳ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ସଂକୁଳ ପ୍ରମୁଖ ଡ ଜେ କୁର୍ମା ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ ଅଜୟ କୁମାର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ । ସଂକୁଳ ସଂଯୋଜକ ରବୀନ୍ଦ୍ର ନାଥ ଦାଶ ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିମାନଙ୍କ ମଧ୍ୟରେ ବିଜ୍ଞାନ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର ପ୍ରାଧ୍ୟାପକ ପ୍ରଭାକର ପାଢୀ ଏବଂ ସ୍ଥାନୀୟ ବିଦ୍ୟାଳୟର ସଭାପତି ପଦ୍ମଚରଣ ସାହୁ, କୋଷାଧ୍ୟକ୍ଷ ସିମାଞ୍ଚଳ ପାତ୍ର, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକଙ୍କ ସମେତ ଛତ୍ରପୁର ସଂକୁଳର ଛଅଟି ବିଦ୍ୟାଳୟର (ରମ୍ଭା,ନରେନ୍ଦ୍ରପୁର, ଭଞ୍ଜବିହାର, ଗୋପାଳପୁର, ଛତ୍ରପୁର ଓ ଗଞ୍ଜାମ)ମୋଟ ୧୬୦ଜଣ କ୍ରୀଡା ପ୍ରତିଭାଗୀମାନଙ୍କ ସହିତ ସମସ୍ତ ପ୍ରଧାନାଚାର୍ଯ୍ୟ ଓ ଆଚାର୍ଯ୍ୟ ଆଚାର୍ଯ୍ୟା ଯୋଗ ଦେଇଥିଲେ।ଶେଷ ରେ ନରେନ୍ଦ୍ରପୁର ପ୍ରଧାନାଚାର୍ଯ୍ୟ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

AFFIDAVIT

By virtue of an affidavit before The Executive Magistrate, Bhanjanagar,Ganjam, Odisha,Dt-12.12.2025, I, Pravati Gouda ,W/o Jagabandhu Gouda, permanent resident of At- Balibhaga, Po.: Nettanga, P.S.: Gangapur, Dist. Ganjam, Odisha, PIN- 761124, declare that ,I have changed my name from Prabhati Kumari Gouda to **Pravati Gouda**. Henceforth, I shall be known as Pravati Gouda for all future purposes.

ଅନସ୍ଲୋ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ଛତ୍ରପୁର,୧୪।୧୨(ଅନୁପମ ମିଡ଼ିଆ): ଛତ୍ରପୁର ସ୍ଥିତ ପିଏମଶ୍ରୀ ଅନସ୍ଲୋ ହାଇସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ ମିନି ଷ୍ଟାଡିଅମ ପରିସରରେ ଉଦ୍‌ଘାଟିତ ହୋଇଯାଇଛି । ପ୍ରଧାନ ଶିକ୍ଷୟତ୍ରୀ ସୁଚିତ୍ରା ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ଅର୍ଜୁନ ପୁରସ୍କାରପ୍ରାପ୍ତ, ଅଲିମ୍ପିକ୍ସ ଖେଳାଳୀ ତଥା ଦୌଡରାଣୀ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳୀ ମାନଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ଏହା ସହିତ ଭଲ ପରିଶ୍ରମ କରିଲେ ଜଣେ ସଫଳ କ୍ରୀଡ଼ାବିତ୍ ହୋଇପାରିବେ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ସେ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କୋଚ ତଥା ବ୍ରହ୍ମପୁର ଶାରିରିକ ଏକାଡେମୀର ମୁଖ୍ୟ ସିମାଞ୍ଚଳ ବାରିକ, ଛତ୍ରପୁର ବିଇଓ ସୁଜିତ କୁମାର ପାଢ଼ୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଉମାଶଙ୍କର ଦାଶ, ବରିଷ୍ଠ ଶିକ୍ଷୟତ୍ରୀ ସବିତାରାଣୀ ତ୍ରିପାଠୀ, ବିଦ୍ୟାଳୟ କ୍ୟାପଟେନ ଶୁଭଶ୍ରୀ ବେହେରା ପ୍ରମୁଖ ଯୋଗଦେଇଥିଲେ । ବରିଷ୍ଠ କ୍ରୀଡା ଶିକ୍ଷକ ପ୍ରକାଶଚନ୍ଦ୍ର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଅରୁଣ କୁମାର ମାନସିଂ ସମସ୍ତ କ୍ରୀଡାକୁ ପରିଚାଳନାରେ ସହଯୋଗ କରିଥିଲେ ।

ବୁଗୁଡ଼ାରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବୁଗୁଡା,୧୪।୧୨(ଅନୁପମ ମିଡ଼ିଆ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ସ୍ୱର୍ଗତ ସମାଜସେବୀ ମନୋଜ କୁମାର ଚୌଧୁରୀଙ୍କ ସ୍ମୃତିରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିର ଅବସରରେ ୪୬ ଜଣ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ । ସ୍ୱର୍ଗତ ମନୋଜଙ୍କ ପତ୍ନୀ ରିନା ଚୌଧୁରୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିରରେ ବ୍ରହ୍ମପୁର ବ୍ଲଡ ବ୍ୟାଙ୍କର ଏକ ଟିମ୍ ପହଞ୍ଚି ସ୍ୱେଚ୍ଛାକୃତ ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲା ବେଳେ ଡକ୍ଟର ଦେବରାଜ ରଥ ଓ ସୁଦର୍ଶନ ପାତ୍ର ଶିବିର ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ ।

MCL ମହାନଦୀ କୋଲ୍‌ଫିଲଡ୍‌ସ ଲିମିଟେଡ୍
(କୋଲ୍ ଇଣ୍ଡିଆ ଲିମିଟେଡ୍‌ର ଏକ ସହାୟକ କମ୍ପାନୀ)
ଜାଗୃତି ବିହାର, ବୁର୍ଲା- ୭୬୮୦୨୦, ଜିଲ୍ଲା- ସମ୍ବଲପୁର, ଓଡ଼ିଶା
ଫୋନ୍ ନଂ- (ଇପିଏବିଏକ୍ସ)- ୦୬୬୩-୨୫୪୨୪୬୧ ରୁ ୪୬୯,
ୱେବସାଇଟ୍ : www.mahanadicoal.in

ବିଜ୍ଞପ୍ତି

“ସାମଗ୍ରୀଗୁଡ଼ିକର କ୍ରୟ, କାର୍ଯ୍ୟ ଏବଂ ସେବା ନିମନ୍ତେ ସିଆଇଏଲ୍ ଏବଂ ଏହାର ସହାୟକ କମ୍ପାନୀଗୁଡ଼ିକ ଦ୍ୱାରା ଜାରି ସମସ୍ତ ଟେଣ୍ଡରଗୁଡ଼ିକ କୋଲ୍ ଇଣ୍ଡିଆ ଲିମିଟେଡ୍‌ର ୱେବ୍‌ସାଇଟ୍ www.coalindia.in/ ସମ୍ପୃକ୍ତ ସହାୟକ କମ୍ପାନୀ (MCL, www.mahanadicoal.in), ସିଆଇଏଲ୍ ଇ-କ୍ରୟ ପୋର୍ଟାଲ https://coalindiatenders.nic.in ଏବଂ କେନ୍ଦ୍ରୀୟ ସାର୍ବଜନିକ କ୍ରୟ ପୋର୍ଟାଲ https://eprocure.gov.in ରେ ଉପଲବ୍ଧ ତଥା ଏହା ବ୍ୟତୀତ, GeM portal https://gem.gov.in ଜରିଆରେ ମଧ୍ୟ କ୍ରୟ ସମ୍ପାଦନ କରାଯାଏ ।”

R-5278

ବିଜ୍ଞାପନ

ଆମ୍ଭର ମହକିଲ ଏଲ୍.ଆଇ.ସି. ହାଉସିଂ ଫାଇନାନ୍ସ ଲିଃ., ଲିଙ୍କ୍ ରୋଡ଼, କଟକଙ୍କ ତରଫରୁ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ, ଆମ୍ଭର ମହକିଲ, **ଦୁର୍ଗେଶ ନନ୍ଦିନୀ ଜେନା,** ସ୍ୱାମୀ: ବିଜୟ କୁମାର ଜେନା, ଗ୍ରାମ/ପୋଷ୍ଟ: ଗୋଲକୁଣ୍ଡା, ଥାନା: ବରୀ, ଜିଲ୍ଲା: ଯାଜପୁରଙ୍କୁ ଗୃହରଣ ଦେବା ପାଇଁ ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଜଟଣୀ ତହସିଲର, କୁହା ଅନ୍ତର୍ଗତ ଖାତା ନଂ.: ୩୭୭/୫୪୧, ପ୍ଲଟ୍ ନଂ.: ୬୧୨/୧୩୩୬, ରକବା: ୦.୦୩୦ଡିସିମିଲି, ସମ୍ପତ୍ତିକୁ ଗୃହରଣ ନିମନ୍ତେ ବନ୍ଧକ ରଖିବାକୁ ଯାଉଛନ୍ତି । ଉକ୍ତ ସମ୍ପତ୍ତି ଦୁର୍ଗେଶ ନନ୍ଦିନୀ ଜେନାଙ୍କ ନାମରେ ରହିଅଛି । ଏହାର ପୂର୍ବ ଖାତା ନମ୍ବର ୩୭୭/୬୩ ଅଟେ । ନାରାୟଣ ସେନାପତି ଓ ଶଙ୍କର ସେନାପତିଙ୍କ ତରଫରୁ ଆଟାଉଟ ଡେଭ୍‌ଲପରସ ପ୍ରା. ଲିମିଟେଡଙ୍କ ଦ୍ୱାରା ସମ୍ପାଦିତ ଏବଂ ସତ୍ୟବ୍ରତ ଦାଶଙ୍କ, ସପକ୍ଷରେ ତା୨୫.୦୫.୨୦୧୮ରିଖରେ ହୋଇଥିବା ଅରିଜିନାଲ ବିକ୍ରୟ କବଲା ନମ୍ବର ୧୧୧୨୧୮୦୨୨୧୨ କେଉଁଠି ହଜିଯାଇଛି । ଉକ୍ତ କବଲା ଓ ଖାତା ଉପରୋକ୍ତ ସମ୍ପତ୍ତି ସମ୍ପର୍କୀୟ ଅଟେ । ତେଣୁ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି ଯେ ଯଦି କେହି ବ୍ୟକ୍ତି ଉକ୍ତ ଡକ୍ୟୁମେଣ୍ଟ ସମ୍ବନ୍ଧରେ ଅଧିକାର ସାବ୍ୟସ୍ତ କରିବାକୁ ଚାହୁଁଛନ୍ତି ତେବେ ସେ ଆସନ୍ତା ୧୫ ଦିନ ମଧ୍ୟରେ ତଳ ଲିଖିତ ଠିକଣାରେ ମୋତେ ଜଣାଇବେ ଅନ୍ୟଥା କାହାରି ଅଭିଯୋଗ ବିଚାରଯୋଗ୍ୟ ହେବ ନାହିଁ ଏବଂ କାହାରି ଅଭିଯୋଗ ଦୁର୍ଗେଶ ନନ୍ଦିନୀ ଜେନା ଓ ଏଲଆଇସି ହାଉସିଂ ଫାଇନାନ୍ସ ଲିଃ., କଟକଙ୍କ ଗ୍ରହଣଯୋଗ୍ୟ ହେବ ନାହିଁ।

ସ୍ୱା/- ଉମାକାନ୍ତ ମିଶ୍ର, ଓକିଲ
କଟକ ଏଲଆଇସି ହାଉସିଂ ଫାଇନାନ୍ସ ଲିଃ., ଲିଙ୍କ୍ ରୋଡ୍, କଟକ
ତାରିଖ: ୧୩.୧୨.୨୦୨୫ ଫୋନ୍ ନଂ.: ୯୪୩୭୩୧୪୮୧୬

ଇସ୍କନ ପକ୍ଷରୁ ଗୀତା ଚମ୍ପିଆନ୍ ଲିଗ୍

ବୁଗୁଡା,୧୪।୧୨(ଅନୁପମ ମିଡ଼ିଆ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବ୍ରହ୍ମପୁର ଇସ୍କନ ପକ୍ଷରୁ ଆୟୋଜିତ ଗୀତା ଚମ୍ପିଆନ୍ ଲିଗ୍ ଅବସରରେ ଗୀତା ଜ୍ଞାନ ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଦ୍ୟାଳୟର ୪୩ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଇସ୍କନର ରାମପ୍ରସାଦ ବିଷୋୟୀ ଓ ରଜତ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଗୀତା ଜ୍ଞାନ ପରୀକ୍ଷାରେ ଶିଶୁ ମନ୍ଦିର ଗୁରୁଜୀ ଜଗନ୍ନାଥ ରଥ ଏବଂ ଗୁରୁମା ଲିଜା ପାତ୍ର ପ୍ରମୁଖ କକ୍ଷ ନିରୀକ୍ଷକ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଥିଲା ।

ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିୟନର ସାଧାରଣ ପରିଷଦ ବୈଠକ

ଛତ୍ରପୁର,୧୪।୧୨(ଅନୁପମ ମିଡ଼ିଆ): ଛତ୍ରପୁର ସ୍ଥିତ ମା’ରାମଚଣ୍ଡୀ ପୀଠରେ ଆଜି ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିୟନର ସାଧାରଣପରିଷଦର ବୈଠକ ଅନୁଷ୍ଠିତ ହୋଇଯାଇଛି ।

ସଭାପତି ସଦାଶିବ ପଣ୍ଡା ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଯୋଗ ଦେଇ ସାମ୍ବାଦିକ ମାନେ ସମାଜର ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟ କରୁଥିବା ଏବଂ ସେମାନଙ୍କର ପେନସନ, ସୁରକ୍ଷା, ସମ୍ମାନ ଏବଂ ଅଧି ସ୍ୱୀକୃତି ଓ ବୀମା ରେ ବାପା ମାଙ୍କୁ ଅନ୍ତର୍ଭୁକ୍ତ ଆଦି ଦାବୀକୁ ବ୍ୟକ୍ତିଗତ ଭାବେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଅବଗତ କରାଇବା ସହ ବିଧାନସଭାରେ ଦାବୀ ରଖିବି ବୋଲି ପ୍ରକାଶ କରିଥିଲେ। ସେହିପରି ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତି ପେନସନ, ସୁରକ୍ଷା, ସମ୍ମାନ ଏବଂ ଅଧିସ୍ୱୀକୃତି ଆଦି ଦାବୀ ବିଜେପି ଦଳ ସରକାରକୁ ଆସିଲେ ଦାବୀ ପୂରଣର ପ୍ରତିଶୃତି ଦେଇଥିଲେ । ତେବେ ଦଳ ସରକାରକୁ ଆସିବାର ୧୫ମାସ ହେଲାଣି ଅଥଚ ଏହାକୁ କାର୍ଯ୍ୟକାରୀ କରିନଥିବାରୁ ଓୟୁଜେ ଆନ୍ଦୋଳନ ଶାଣିତ କରି ଓହ୍ଲାଇବ ବୋଲି ପ୍ରକାଶ କରିଛନ୍ତି । ଏଥିରେ ବିଜେପି କେନ୍ଦ୍ରୀୟ ମିଡ଼ିଆ ସେଲର ସଂଯୋଜିକା ସୁଜାତା ସାବତ ଯୋଗଦେଇ ଏହି ଦାବୀ ଯଥାର୍ଥତା ବୋଲି କହିବା ସହ ସରକାର ନିଶ୍ଚିତ ଦାବୀ ପୂରଣ କରିବାର ପ୍ରୟାସ ରଖିଥିବେ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ କିଷାନ ରାଉତ, ନୟାଗଡ ଜିଲ୍ଲା ସଭାପତି ଆଚାର୍ଯ୍ୟ ବିଶ୍ୱ ରଞ୍ଜନ, ସମାଜସେବୀ ସମାପ୍ତି ପଣ୍ଡା, ପୂର୍ବତନ ଓୟୁଜେ ସଭାପତି ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ, ଉପଦେଷ୍ଟା ରବୀନ୍ଦ୍ର ପଣ୍ଡା,ହରିହର ପାତ୍ର,ଜାତୀୟ କାଉନସିଲ ସଦସ୍ୟ ବାଳ କୃଷ୍ଣ ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ମାହାଙ୍କୁଡ, ଏନ୍‌ଏସି ଚେୟାରମ୍ୟାନ ଶର୍ମିଷ୍ଠା ପ୍ରଧାନ ଯୋଗ ଦେଇ ସାମ୍ବାଦିକଙ୍କ ସମସ୍ୟା ଓ ତାର ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ । ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ ମିଶ୍ର, ଜିଲ୍ଲା ୟୁନିୟନର ବାର୍ଷିକ ବିବରଣୀ ପାଠ, ସମ୍ପାଦକ ମେଘନାଦ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାପତି ରାଜଗୋପାଳ ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ବିଭିନ୍ନ ବ୍ୟକ୍ତିତ୍ୱ ଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଜିଲ୍ଲା ଓ ରାଜ୍ୟର ଦିବଂଗତ ସାମ୍ବାଦିକଙ୍କ ପାଇଁ ୨ମିନଟ ନିରବ ପ୍ରାର୍ଥନା କରାଯାଇଥିଲା । ଦୂତୀକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ । ଏହି କାର୍ଯ୍ୟକ୍ରମ ରେ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା,ଉପସଭାପତି ଏ.ରାଜା ରାଓ, ସାମ୍ବାଦିକ ବିସ୍ମୟ ପ୍ରଧାନ ଅଜିତ ସ୍ୱାଇଁ, ରବି ନାୟକ, ରବୀନ୍ଦ୍ର ପଣ୍ଡା, କେ ସତ୍ୟ ନାରାୟଣ ରେଡି, ଅଶୋକ ରଥ, ମାଧବ ବେହେରା, ରାଜୀବ ଲୋଚନ ମିଶ୍ର, ସୁରେନ୍ଦ୍ରନାଥ ପଣ୍ଡା, ସମୀର ଆଚାର୍ଯ୍ୟ, ଶକ୍ତିଧର ରାଜଗୁରୁ, ସୁଧୀର ନାହାକଙ୍କ ସମେତ ଜିଲାର ବହୁ ସଦସ୍ୟ ଉପସ୍ଥିତ ଥିଲେ।